ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ୍ୈଫୈଷୟିକ ଫିଶ୍ୱଫିଦୟା□ୟ
ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 02-01-2026**

**ଖୋର୍ଦ୍ଧା(ଓଡିଶା) - :2026-01-02 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-01-03 | 2026-01-04 | 2026-01-05 | 2026-01-06 | 2026-01-07 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 27.0 | 28.0 | 28.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 13.0 | 13.0 | 13.0 | 13.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 90 | 89 | 90 | 92 | 92 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 35 | 36 | 39 | 37 | 38 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 4 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 340 | 350 | 335 | 326 | 343 |
| ମେଘାଚ୍ଛନ (ଅକ୍ଟା) | 1 | 1 | 1 | 2 | 1 |
| ସତର୍କବାଣୀ | କୁହୁଡ଼ି | କୁହୁଡ଼ି | କୁହୁଡ଼ି | କୁହୁଡ଼ି | କୁହୁଡ଼ି |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଘନ କୁହୁଡି ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୪ – ୦୫ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୭ – ୨୮ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୨ – ୧୩ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କୁହୁଡିର ସତର୍କତା ଚେତାବନୀ ରହିଛି ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

□ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।

## ସାଧାରଣ ଉପଦେଶ:

| |
|---|
| □ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପାଗ ଶୁଖିଲା ରହିବା ସହିତ ଘନ କୁହୁଡି ହେବାର ସମ୍ଭାବନା ରହିଅଛି । □ ଗଜା ଧାନ କୁ କାଦୁଅ ଜମିରେ ଡ୍ରମସିଡର କିମ୍ବା ଛଟା ବୁଣା କରି ଦିଅନ୍ତୁ । ତଳି ଭଲ ବଢିବା ଏବଂ ଚେର ମାଟି କୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ । □ ତଳିଘରା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣି ସାରିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତ ଗୁଣ୍ଡ ର ଏକ ପତଳା ଆସ୍ତରଣ ପକାନ୍ତୁ । ତଳିଘରା ରେ ସନ୍ଧ୍ୟା ସମୟ ରେ ବୋରେୱେଲ୍ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟି କୁ ଓଦା ରଖନ୍ତୁ । ଅତ୍ୟଧିକ ଶୀତ ହେଉଥିବା ଅଞ୍ଚଳ ରେ ତଳିଘରା କୁ ରାତ୍ରି ସମୟ ରେ ପଲିଥିନ ସାହାର୍ଯ୍ୟ ରେ ଘୋଡାଇ ରଖନ୍ତୁ । □ ଧାନ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ – ଗ୍ରାମ Carbendazim କିମ୍ବା ୩-ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ । □ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ । □ ସୂର୍ଯ୍ୟମୁଖୀ ଫସଲ ବର୍ତମାନ ୨୫-୩୦ ଦିନ ଅବଧିରେ ଅଛି । କୋଡାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାର କୁ ପ୍ରୟୋଗ କରନ୍ତୁ । □ ମାଟି ତଳେ ଆଳୁ ଭଲ ଭାବେ ବଡିବା ପାଇଁ ମାଟି ତାପମାତ୍ରା ୩୦°C ରୁ କମ୍ ରହିବା ଉଚିତ । ତେଣୁ ଆଳୁ ଫସଲରେ ଜଳସେଚନ କରନ୍ତୁ । □ କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ଗଜା ଧାନ କୁ କାଦୁଅ ଜମିରେ ଡ୍ରମସିଡର କିମ୍ବା ଛଟା ବୁଣା କରି ଦିଅନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ତଳିଘେରା ପରିଚାଳନା- ଡାଲୁଅ ଧାନ ପାଇଁ କାଦୁଅ ତଳିଘେରା ପ୍ରସ୍ତୁତ କରନ୍ତୁ । ତଳିଘେରା ପାଇଁ ନିର୍ବାଚିତ ଜମିକୁ ୩ ରୁ ୪ ଓଡ ଚାଷ କରି ୨ ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭତି କରି ରଖନ୍ତୁ । ଏହା ପରେ ତଳିଘେରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ । ଶେଷ ଓଡ ଚାଷ ବେଳକୁ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪ କିଲୋଗ୍ରାମ DAP, ୪ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ତଳିଘେରା କୁ ସୁବିଧା ଅନୁସାରେ ଲମ୍ବା ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ଜଳସେଚନ ପାଇଁ ୩୦ ସେ.ମି ଚଉଡା ନାଳି ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ ସେ.ମି ବ୍ୟବଧାନ ରେ ବୁଣନ୍ତୁ । □ ବିହନ ବିଶୋଧନ- ଧାନ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ । |
| ବାଦାମ | □ ବର୍ତ୍ତମାନ୍ ପାଗରେ ଶୋଷକ କୀଟ ଯଥା ଜଉ, ପତ୍ରଡିଆଁ, ଧଳମାଛି ଭଳି ପୋକ ଅଧିକ ସକ୍ରିୟ ରୁହନ୍ତି। ନିରୀକ୍ଷଣ ଏବଂ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ଲାଗିଥିବା ହଳଦିଆ ଜନ୍ତା (Yellow Sticky Trap) ଲଗାନ୍ତୁ। ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ୫ ମି.ଲି ନିମ୍ବ ତେଲ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ୦.୦୩% (୩୦୦ ପିପିଏମ୍) କୁ ୧ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| ସୋରିଷ | □ ପତ୍ରଛନ୍ଦା ପୋକ ଓ କରତିଆ ମାଛି ପରିଚାଳନା ସୋରିଷ ଫସଲ ରେ ପତ୍ରଛନ୍ଦା ପୋକ ଓ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ର ଚଳପ୍ରଚଳ ରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କିଟନାଶକ କୁ ପ୍ରୟୋଗ କରନ୍ତୁ । |
| ବିରି | □ ସାହେବୀ ରୋଗ ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ଧଳା ମାଛି, ସାହେବୀ ରୋଗ ର ବାହକ ଅଟେ । ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି triazophos @ ୪୦୦ ମିଲି କିମ୍ବା Acetamipride @ ୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଝୋଟନି ନାୃଠ | □ ଅଷ୍ଟପଦୀ ପୋକ ର ପରିଚାଳନା ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି Ethion ନାମକ କୀଟନାଶକ କିମ୍ବା ୨୦୦-ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦-ମିଲି Propargite ନାମକ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କା | □ ଅଷ୍ଟପଦୀ ପୋକ ର ପରିଚାଳନା ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି Ethion ନାମକ କୀଟନାଶକ କିମ୍ବା ୨୦୦-ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦-ମିଲି Propargite ନାମକ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ବନ୍ଧାକୋବି | □ କୋବି ଜାତୀୟ ପନିପରିବା ଫସଲରେ ଅଲ୍ଟରନାରିଆ ପତ୍ରଦାଗ ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | □ ଝାଉଁଳା ରୋଗ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ଟମାଟୋ ଗଛରେ ଝାଉଁଳା ରୋଗ ଦେଖା ଦେଇପାରେ । ଲକ୍ଷଣ ଦେଖା ଦେଲେ ୧ ଲିଟର ପାଣିରେ ୨ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । □ ଫଳ ଓ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ଲୋଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ । |
| ଆଳୁ | □ ଜଉ ପୋକ ଓ ସବୁଜ ପତ୍ର ଡିଆଁ ପୋକ ପରିଚାଳନା- ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୮୦ଗ୍ରାମ Dinotefuran ନାମକ କୀଟନାଶକ କିମ୍ବା ୬୦ଗ୍ରାମ Flonicamidନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | □ ବର୍ତ୍ତମାନ ଗାଈ ଗୋରୁଙ୍କ ଠାରେ ଚର୍ମବିଣ୍ଡି ରୋଗ ବ୍ୟାପୁଛି । ଏହି ରୋଗ ର ଲକ୍ଷଣ ରେ ଦେହ ରେ ଆବୁ ଫଳି ଯିବା ସହ ଜ୍ୱର ଆସିଥାଏ ଓ ଦୁଗ୍ଧ ଉତ୍ପାଦନ କମିଯାଇଥାଏ । ଏହି ରୋଗ ମୁଖ୍ୟତଃ ମଶା, ମାଛି ଓ ଡାଆସ ଦ୍ୱାରା ବ୍ୟାପିଥାଏ । ତେଣୁ ଗୁହାଳ ପରିସରକୁ ସଫା ରଖନ୍ତୁ। ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକ ଙ୍କ ସହ ଯୋଗା ଯୋଗ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | □ ଶୀତ ଋତୁ ରେ କୁକୁଡା ମାନଙ୍କୁ ଅଧିକ ପରିମାଣ ର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହ ରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| □ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ । |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**